ଥଣ୍ଡା ଜଳବାୟୁ ଆବଶ୍ୟକ (୧୨-୧୫°ଉ) ଗଛର ବୃଦ୍ଧି ପାଇଁ ୨୫° ରୁ ୩୦°ଉ ଉତ୍ତାପ ଆବଶ୍ୟକ, ଫଳ ଥଣ୍ଡା ଶୀତ ଦିନେ ଅକ୍ଟୋବର - ନଭେମ୍ବରରେ ଅମଳ ହୋଇଥାଏ ।

## ମାଟି ଓ ଖାଦ୍ୟସାର ପରିଚାଳନା :

ଏହା ନରମ ଉର୍ବର ଜଳମଗ୍ନ ଜମିରେ ସାଧାରଣରୁ ସାମାନ୍ୟ କ୍ଷାରୀୟ pHରେ ଭଲ ହୋଇଥାଏ । ବ୍ୟବସାୟୀକ ଭିତ୍ତିରେ ଚାଷ ପାଇଁ କାଦୁଆ, ମଟାଳ ଜୈବିକ ଅଂଶର ଅଧିକ ଥିବା ମାଟି ଆବଶ୍ୟକ । ହେକ୍ଟର ପିଛା ୮ ଟନ୍ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ଆବଶ୍ୟକ । ପ୍ରଚୁର ପରିମାଣର ଫସଫରସ ଓ ପଟାସ ଆବଶ୍ୟକ, ମୃତ୍ତିକାରେ ଦସ୍ତା ତଥା ବୋରନ ଅଧିକ ଥିଲେ ଫଳର ଆକାର ଓ ଓଜନ ବଢ଼ିଥାଏ । ହେକ୍ଟର ପ୍ରତି ଅନୁମୋଦିତ NPK ସାର ୭୦:୪୦:୩୦ କିଗ୍ରା / ହେକ୍ଟର ବା ସାମୁଦ୍ରିକ ଶୈବାଳ ୧୦ କେଜି/ହେକ୍ଟର ହିସାବରେ ଦେବା ଦ୍ୱାରା ଫଳସଂଖ୍ୟା ବଢ଼ିଥାଏ ।



## ଚାରା ପ୍ରସ୍ତୁତି ଏବଂ ରୋଇବା ପଦ୍ଧତି :

ଏକ ହେକ୍ଟର ପ୍ରତି ୮୦ ରୁ ୧୦୦ କି.ଗ୍ରା. ବିହନ ଆବଶ୍ୟକ । ତଳିଘେରା ରେ କୌଣସି ଖାଦ୍ୟସାର ଦେବାର ଆବଶ୍ୟକତା ନାହିଁ । ଡଙ୍କ ୧-୧.୫ ମିଟର ହେବା ପରେ ଏହାକୁ ୧ମି. ଢ ୨ମି ଗଛକୁ ଗଛ ଏବଂ ଧାଡ଼ିକୁ ଧାଡ଼ି ବ୍ୟବଧାନର ଲଗାଯାଇଥାଏ, ଯେପରି ଗଛ ସଂଖ୍ୟା ୪୫୦୦-୫୦୦୦ / ହେକ୍ଟର ପ୍ରତି ରହିଥାଏ ।

## ପାଣି ଉଚ୍ଚତା ପରିଚାଳନା :

ପାଣି ସିଙ୍ଗଡା ଡଙ୍କ ମାଡିବା ସମୟରେ ୧-୨ମି ଉଚ୍ଚତା ପାଣି ରହିବା ଆବଶ୍ୟକ । ଅଧିକ ପାଣି ଉଚ୍ଚତା ହେଲେ କୌଣସି କ୍ଷତି ନାହିଁ କିନ୍ତୁ ଅଳ୍ପ ପାଣିରେ ଗଛର ବୃଦ୍ଧି କମିଯାଇଥାଏ । ଅମଳ ପୂର୍ବରୁ ଅତ୍ୟଧିକ ପାଣି କଟାଇ ଦିଆଯାଇପାରିବ ।

## ଫଳଧାରଣ ଅବସ୍ଥା :

କଣ୍ଟା ଶୂନ୍ୟ ନାଲି କିସମ ଗୁଡିକରେ ଫୁଲ ଅଗଷ୍ଟ ମାସ ଦ୍ୱାତୀୟ ସପ୍ତାହରେ ଆସିଥାଏ । ଫୁଲ ଧାରଣ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଆସିଥାଏ । ଯେତେବେଳେ କି କଣ୍ଟା ଶୂନ୍ୟ ଗ୍ରୀନ୍ କିସମରେ ଫୁଲ ଅଗଷ୍ଟ ଠାରୁ ଅକ୍ଟୋବର ରୁ ଡିସେମ୍ବର ମାସରେ ଅମଳ କରାଯାଇଥାଏ । ଏକ ସୁପରିଚାଳିତ ପାଣି ସିଙ୍ଗଡା ଫସଲ ୨.୫ ରୁ ୩.୫ ଟନ୍ ହେକ୍ଟର ଅମଳ ପ୍ରଦାନ କରିଥାଏ ।

**କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା**

Printed by : Saikrupa Graphics, BBSR, Mob. : 9437177775

# ପାଣି ସିଙ୍ଗଡା ଚାଷ

# WATER CHESTNUT CULTIVATION




ମୁଖ୍ୟ ସଂପାଦକ

ଡଃ ସୂର୍ଯ୍ୟ ନାରାୟଣ ମିଶ୍ର
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

ପ୍ରଭାଞ୍ଜନ ମିଶ୍ର
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ମାନସ ରଞ୍ଜନ ବେହେରା
ବୈଜ୍ଞାନିକ (ମତ୍ସ୍ୟ ବିଜ୍ଞାନ)

ରାଜେଶ କୁମାର ମହାପାତ୍ର
କ୍ଷେତ୍ର ପ୍ରବନ୍ଧକ

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ପାଣି ସିଙ୍ଗଡା

ପାଣି ସିଙ୍ଗଡା ବା ସିଙ୍ଗଡା ଫଳ ବା ପାଣି ଫଳ ଖାଲୁଆ ଓ ପାଟ ଜମି ପାଇଁ ଏକ ବରଦାନ ଫସଲ । ଆମ କେନ୍ଦ୍ରାପଡା ଜିଲ୍ଲାର ସମ୍ପୂର୍ଣ୍ଣ ଜଳ ମଗ୍ନ ୧୫,୮୫୦ ହେକ୍ଟର ଜମି ଯାହାକି ବର୍ଷକ ବାରମାସ ପାଣି ଜମି ରହିଥାଏ, କୌଣସି ଚାଷ ବାସ କରାଯାଏ ନାହିଁ । ଏହି ଜମିଗୁଡିକରେ ପାଇଁ ପାଣି ସିଙ୍ଗଡା ଏକ ପ୍ରକୃଷ୍ଟ ବିକଳ୍ପ ।



କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା ଠାରେ ଏହି ଫସଲର କ୍ଷେତ୍ର ପ୍ରଦର୍ଶନ କରାଯାଇଅଛି । ପାଣି ସିଙ୍ଗଡାର ବୈଜ୍ଞାନିକ ନାମ ହେଲା *Trapa bispinosa* (ଟ୍ରପା ବାଇସ୍ପିନୋସା) । ଏହା ଏକ ବୀଜ ଆବୃତ୍ତ ଜଳଦ ଉଦ୍ଭିଦ (annual angiosperm aquatic plant) । ଏହାର ଉତ୍ପତ୍ତି ସ୍ଥଳ ଉତ୍ତର ପୂର୍ବ ଭାରତ । ଏହା ଏକ ଗ୍ରୀଷ୍ମ ମଣ୍ଡଳୀୟ ଏବଂ ନାତିଶୀତୋଷ୍ଣ ଜଳବାୟୁ ଜାତୀୟ ଫସଲ । ଏହାର ଚାଷ ସମଗ୍ର ଭାରତ ବର୍ଷରେ ଜାମ୍ମୁକାଶ୍ମୀର ଠାରୁ ଆରମ୍ଭ କରି କର୍ଣ୍ଣାଟକ ଯାଏ କରାଯାଏ । ମୁଖ୍ୟତଃ ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ, ଓଡ଼ିଶା, ବେଙ୍ଗଲ, ଉତ୍ତରପୂର୍ବ ଭାରତ, କର୍ଣ୍ଣାଟକ ଆଦି ସ୍ଥାନରେ ଚାଷ କରାଯାଏ ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପୂର୍ବାଞ୍ଚଳ ଗବେଷଣା କେନ୍ଦ୍ର (ICAR-RCER), ଦରଭଙ୍ଗା ବିହାର ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ଏହାର ଚାଷ କରାଯାଉଅଛି । ପାଣି ସିଙ୍ଗଡା ଚାଷକୁ ବ୍ୟବସାୟୀକ ଭିତ୍ତିରେ ଚାଷ କରାଗଲେ, ହେକ୍ଟର ପ୍ରତି ଟ. ୫୮,୦୦୦/- ଖର୍ଚ୍ଚ କରି ଜଣେ ଚାଷୀ ମୋଟ ଟ. ୧,୨୫,୦୦୦/- ଆୟ କରିପାରିବ, ଅର୍ଥାତ ହେକ୍ଟର ପ୍ରତି ଟ. ୬୭,୦୦୦/- ଲାଭ ପାଇପରିବ ।

ପ୍ରକାର ଭେଦ : ଫୁଲର ପ୍ରକାର ଭେଦରେ, ଏହା ଚାରି ପ୍ରକାରର ଯଥା ୧. କଣ୍ଟା ଯୁକ୍ତ ୨. କଣ୍ଟା ବିହୀନ ୩. ସବୁଜ ୪. ନାଲି

ଆଜି କାଲି ଏହି ଫସଲର ଚାହିଦା କେବଳ ଜାତୀୟ ସ୍ତରରେ କାହିଁକି ଆନ୍ତର୍ଜାତୀୟ ସ୍ତରରେ ବୃଦ୍ଧି ପାଉଅଛି । ଲୋକମାନେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ସଚେତନ ହେବାରୁ, ଉଚ୍ଚମାନର ଖାଦ୍ୟ ପଦାର୍ଥ ଆବଶ୍ୟକ କରୁଥିବାରୁ ଏହାର ଚାହିଦା ଦିନକୁ ଦିନ ବଢି ଚାଲିଛି । ଏଥିରେ ପ୍ରଚୁର ପରିମାଣରେ ପୋଷକ ତତ୍ତ୍ୱ ଥିବାରୁ ଏହାକୁ ସୁପର ଫୁଡ ମଧ୍ୟ କୁହାଯାଉଅଛି ।

### ପାଣି ସିଙ୍ଗଡାରେ ଉପସ୍ଥିତି ଖାଦ୍ୟସାର ପରିମାଣ :

୧. ଜଳୀୟ ଅଂଶ-୭୦%, ୨. ଶ୍ୱେତସାର - ୨୩.୩%, ୩. ପୃଷ୍ଟିସାର - ୪.୩%, ୪. ସ୍ନେହସାର ୩.୭%, ୫. ଧାତବ ଲବଣ - ୧.୧%

ପାଣି ସିଙ୍ଗଡା ଫଳକୁ ଚୋପା ଛଡାଇ କଞ୍ଚା, ଶିଝାଇ କିମ୍ବା ଭାଜି ଖିଆଯାଏ । ଏତଦ୍ ବ୍ୟତୀତ, ଏହି ଫଳର ଏବେକାର ମୁଖ୍ୟ ଉପଯୋଗ ହେଲା ଏଥିରୁ ପ୍ରସ୍ତୁତ ଅଟାର ରୁଟି ମଧୁମେହ ରୋଗୀ ମାନଙ୍କ ପାଇଁ ପଥ୍ୟ ସଦୃଶ, ହିନ୍ଦୁ ପରମ୍ପରା ହିସାବରେ ଉତ୍ତର ଭାରତରେ ବିଭିନ୍ନ ପର୍ବପର୍ବାଣୀରେ ତଥା ନବରାତ୍ରୀ ଅବସରରେ ଭକ୍ତମାନେ ଏଥିରୁ ପ୍ରସ୍ତୁତ ରୁଟି ଉପବାସରେ ସେବନ କରିଥାନ୍ତି ।




### ପାଣି ସିଙ୍ଗଡାର ଔଷଧୀୟ ଗୁଣ :

୧. ପେଟ ଯନ୍ତ୍ରଣାର ନିରାକରଣ ପାଇଁ ଉପେଯାଗୀ ।

୨. ପରିସ୍ରା ରୋଗ, ଲିଭର, କିଡନୀ ଏବଂ ପୀତ ଜନିତ ବ୍ୟାଧିର ଉପଶମ ପାଇଁ ବ୍ୟବହାର କରାଯାଏ ।

୩. ବିଭିନ୍ନ ଝାଡା ରୋଗ, ଡାଇରିଆ, ଡିସେଣ୍ଟ୍ରୀ ପାଇଁ ଉପଯୋଗୀ ।

୪. ପେଟମରା, ଅଲସର ଏବଂ ଘାଆ ପାଇଁ ଉପଯୋଗୀ ।

୫. ବିଭିନ୍ନ ସ୍ତ୍ରୀ ରୋଗ ଓ ଗର୍ଭ ଧାରଣ ସମସ୍ୟାର ନିରାକରଣ ପାଇଁ ଉପଯୋଗୀ ।

୬. ପାଣି ସିଙ୍ଗଡା ଫଳ ସେବନ ଦ୍ୱାରା କୌଣସି ବୟସର ବ୍ୟକ୍ତି ବିଶେଷଙ୍କୁ ଦୁର୍ବଳତାର ଅନୁଭବ ହୋଇନଥାଏ ।

୭. ଏହି ଫଳରେ ପ୍ରଚୁର ପରିମାଣର ପୁଷ୍ଟିସାର, ଶ୍ୱେତସାର, ଜୀବସାର, ଲୌହ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ୍ ଏବଂ ଆୟୋଡିନ ଥିବାରୁ ଏହା ଗର୍ଭବତୀ ମହିଳାମାନଙ୍କୁ ଶକ୍ତି ଯୋଗାଇବା ସହ ଗର୍ଭ ଧାରଣକୁ ବିପଦମୁକ୍ତ ତଥା ଗର୍ଭପିଡା ସମସ୍ୟାକୁ ଏଡାଇ ଦେଇଥାଏ ।

### କିସମ :

ପାଣି ସିଙ୍ଗଡାର ବିଭିନ୍ନ କିସମ ଗୁଡିକ ହେଲା ବାଲେଶ୍ୱର ଗ୍ରୀନ, ବିହାର ଲାର୍ଜ ରେଡ, ବଲିଆ ରେଡ, ହଳଦୀପଡା ରେଡ, ବାଲେଶ୍ୱର ରେଡ, ବଲିଆ ଗ୍ରୀନ୍, ଯୋନପୁର ଗ୍ରୀନ, ଲଖନଉ ଗ୍ରୀନ ଇତ୍ୟାଦି ।



### ଜଳବାୟୁ :

ପାଣି ସିଙ୍ଗଡା ମଞ୍ଜି ଅଙ୍କୁରଣ ହେବା ପାଇଁ